## ତା-୧୨.୦୩.୨୦୨୫

# ବୁଣାକାରମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବା

*୩୨୦. **ଶ୍ରୀ ଅଶ୍ୱିନୀ କୁମାର ଷଡଙ୍ଗୀ:** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ରାଜ୍ୟରେ ସବୁଠାରୁ ବେଶୀ ବୁଣାକାର ବରଗଡ଼ ଜିଲ୍ଲାରେ ଅଛନ୍ତି, ସେମାନଙ୍କ ଦ୍ୱାରା ବୁଣା ହେଉଥିବା କପଡ଼ା ଓ ଶାଢୀ ବିକ୍ରୟ ସହିତ ସେମାନଙ୍କୁ ପ୍ରୋତ୍ସାହନ ଦେବା ଓ ନୂତନ ଜ୍ଞାନ କୌଶଳ ଶିକ୍ଷା ଦେବା ନିମନ୍ତେ କ'ଣ କ'ଣ ପଦକ୍ଷେପ ନେଉଛନ୍ତି କି?

### ଶ୍ରୀ ପ୍ରଦୀପ ବଳ ସାମନ୍ତ
### ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ

### ଉତ୍ତର

ଆମ ରାଜ୍ୟରେ ସବୁଠାରୁ ବେଶୀ ବୁଣାକାର ବରଗଡ଼ ଜିଲ୍ଲାରେ ଥିବାର ତଥ୍ୟ ସତ୍ୟ ଅଟେ ଏବଂ ବର୍ତ୍ତମାନ ୩୯,୩୪୭ ଜଣ ହସ୍ତତନ୍ତ ବୁଣାକାର ଏହି ଜିଲ୍ଲାରେ ଅଛନ୍ତି, ସେମାନଙ୍କ ଦ୍ୱାରା ବୁଣା ହେଉଥିବା କପଡ଼ା ଓ ଶାଢୀ ବିକ୍ରୟ ସହିତ ସେମାନଙ୍କୁ ପ୍ରୋତ୍ସାହନ ଦେବା ଓ ନୂତନ ଜ୍ଞାନ କୌଶଳ ଶିକ୍ଷା ଦେବା ନିମନ୍ତେ ସରକାରଙ୍କ ତରଫରୁ ନିମ୍ନଲିଖିତ ଯୋଜନା ପ୍ରଣୟନ କରାଯାଉଛି ।

**୧. ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା:-** ଗ୍ରାମାଞ୍ଚଳରେ ବିଜୁଳି ଯୋଗାଣ ରେ ବିଫଳତା ଓ ଲୋ ଭୋଲ୍ଟେଜ୍ ସମୟରେ ବୁଣାକାରଙ୍କ ପାଖରେ କାମ ଜାରି ରଖିବାର କୌଣସି ବିକଳ୍ପ ନାହିଁ । ବୁଣାକାରଙ୍କୁ ଉତ୍ତମ ପରିବେଶରେ ଏବଂ ଅଧିକ ସମୟ ପର୍ଯ୍ୟନ୍ତ କାମ କରିବାର ସୁବିଧା ପାଇଁ, ଅତି କମରେ ଏକ ଉତ୍ତମ ଆଲୋକିତ ସ୍ଥାନ ଏବଂ ଏକ ଫ୍ୟାନ୍ ପ୍ରଦାନ କରିବା ପାଇଁ ଏହି ଯୋଜନା ୨୦୨୧-୨୨ ବର୍ଷରୁ କାର୍ଯ୍ୟକାରୀ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ବୁଣାକାର ପରିବାରକୁ ବ୍ୟାଟେରୀ, ଫ୍ୟାନ୍ ଏବଂ ଦୁଇଟି ଏଲ୍ଇଡି ଲାଇଟ୍ ସହ ଇନଭର୍ଟର ଲଗାଇବା ପାଇଁ ୧୭,୫୦୦/- ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

**୨. ହସ୍ତତନ୍ତ ଉନ୍ନୟନ ଯୋଜନା :**

**(କ) କର୍ମଶାଳା ନିର୍ମାଣ : -** ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ, ଓ ହସ୍ତଶିଳ୍ପ ବିଭାଗର ବିଜ୍ଞପ୍ତି ନମ୍ବର-୮୪୧୩ ତା-୧୪.୧୧.୨୦୨୩ ଅନୁସାର "ବାସଗୃହ ତଥା କାର୍ମଶାଳା" ଯୋଜନାରେ ହସ୍ତତନ୍ତ ବୁଣାକାର ଏବଂ ସହାୟକ କର୍ମୀଙ୍କ ପାଇଁ "କର୍ମଶାଳା ନିର୍ମାଣ" କୁ ସଂଶୋଧିତ କରାଯାଇଛି । ଏହି ଯୋଜନାରେ ବୁଣାକାର ଓ ଆନୁସଙ୍ଗିକ ହସ୍ତତନ୍ତ କର୍ମୀଙ୍କୁ ଉନ୍ନତ ଭେଣ୍ଟିଲେସନ୍, ଆଲୋକ ଏବଂ ପ୍ରାକ୍ ବୁଣାକାମ ପାଇଁ ଅଧିକ କାର୍ଯ୍ୟ ସ୍ଥାନ ସହ ସ୍ୱଚ୍ଛ ପରିବେଶ ପ୍ରଦାନ କରିବା ସହିତ କଞ୍ଚାମାଲ ଏବଂ ପ୍ରସ୍ତୁତ ଦ୍ରବ୍ୟର ଆନୁସଙ୍ଗିକ ସାମଗ୍ରୀ ସହିତ ଉନ୍ନତ ଯନ୍ତ୍ରପାତି ସ୍ଥାପନ କରିବାରେ ସୁବିଧା ପ୍ରଦାନ କରିବାପାଇଁ ଏକ ୨୨ ବର୍ଗ ମିଟର (୨୪୦ ବର୍ଗଫୁଟ) ଛାତ ଘର ନିର୍ମାଣ ପାଇଁ ଅଣ-ଆଇଏପି ଜିଲ୍ଲାପାଇଁ ୧.୨୦ ଲକ୍ଷ ଟଙ୍କା ଏବଂ ଆଇଏପି ଜିଲ୍ଲା ପାଇଁ ୧.୩୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଚଳିତ ବର୍ଷ ୨୦୨୪-୨୫ ଠାରୁ ପ୍ରଦାନ କରାଯାଉଛି । ବୁଣାକାର ଓ ଆନୁସଙ୍ଗିକ ହସ୍ତତନ୍ତ କର୍ମୀମାନେ

ଯେଉଁମାନେ କର୍ମଶାଳା ତଥା ଗୃହ ନିର୍ମାଣ କିମ୍ବା ଅନ୍ୟାନ୍ୟ ସମାନ ଯୋଜନାର ଲାଭ ପାଇଛନ୍ତି ସେମାନେ ମଧ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଶାରୀରିକ ଭିନ୍ନକ୍ଷମ ବୁଣାକାର ଏବଂ ଆନୁସଙ୍ଗିକ କର୍ମଚାରୀମାନଙ୍କୁ ଅତିରିକ୍ତ ୧୦,୦୦୦/- ଟଙ୍କା ପ୍ରଦାନ କରାଯାଉଛି । ଏତଦବ୍ୟତୀତ ତିନି ମାସ ଓ ଚାରି ମାସ ମଧ୍ୟରେ କର୍ମଶାଳା ନିର୍ମାଣ ଶେଷ କରିଥିବା ହିତାଧିକାରୀଙ୍କୁ ଯଥାକ୍ରମେ ୨୦,୦୦୦/- ଟଙ୍କା ଏବଂ ୧୦,୦୦୦ /- ଟଙ୍କାର ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

**(ଖ)ଉନ୍ନତ ତନ୍ତ ଓ ତନ୍ତ ସରଞ୍ଜାମ ଯୋଗାଣ :-** ଆଧୁନିକ ଯୁଗର ଚାହିଦାକୁ ଲକ୍ଷ୍ୟ ରଖି ସୌଖୀନ ଗୁଣବତ୍ତା ସମ୍ପର୍ଣ୍ଣ ବସ୍ତ୍ର ଉତ୍ପାଦନ ନିମନ୍ତେ ବୁଣାକାରମାନଙ୍କୁ ଉନ୍ନତ ମାନର ତନ୍ତ ଓ ତନ୍ତ ସରଞ୍ଜାମ ଯୋଗାଣ ନିମନ୍ତେ ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ସରକାରଙ୍କ ଅଂଶ ଓ ବୁଣାକାରଙ୍କ ଅଂଶ ୯୦:୧୦ ଅନୁପାତରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଉକ୍ତ ଯୋଜନାରେ ବୁଣାକାରଙ୍କୁ ଫ୍ରେମ ତନ୍ତ, ଗର୍ତ୍ତ ତନ୍ତ ଓ ଲୌହ(iron) ତନ୍ତ ଏବଂ ଉନ୍ନତ ଧରଣର ତନ୍ତ ସରଞ୍ଜାମ ଯଥା: ଜାକାର୍ଡ, ଡବି, ବୁଣା ଉପକରଣ ଇତ୍ୟାଦି ସହିତ ପ୍ରାକ୍ ବୟନ ପ୍ରକ୍ରିୟାକୁ ତ୍ୱରିତ ତଥା ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଆଧୁନିକ ଧରଣର ସରଞ୍ଜାମ ଯଥା: ବବିନ ଗୁଡେଇବା ମେସିନ୍, ବାନ୍ଧ ଖୋଲିବା ମେସିନ୍ ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା ରହିଅଛି ।

**(ଗ) ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ :-** ନୂତନ ଯୁବପିଢିକୁ ହସ୍ତତନ୍ତ ଶିଳ୍ପରେ ନିୟୋଜନ ନିମନ୍ତେ ଏବଂ ବୁଣାକାରଙ୍କର ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କର ସମ୍ପୂର୍ଣ୍ଣ ଆର୍ଥିକ ସହାୟତାରେ ନିମ୍ନଲିଖିତ ୬ ପ୍ରକାରର ତଲିମ ପ୍ରଦାନ କରାଯାଇଥାଏ ।

- **ମୌଳିକ ବୁଣାବୁଣି :-** ନୂତନ ଯୁବ ପିଢୀଙ୍କୁ ହସ୍ତତନ୍ତ ଶିଳ୍ପରେ ନିୟୋଜନ ନିମନ୍ତେ ମୌଳିକ ବୁଣାବୁଣି ତାଲିମରେ ୨୦ ଜଣ ବୁଣାକାରଙ୍କୁ ନେଇ ୬ ମାସର ଏକ ପ୍ରାଥମିକ ବୁଣାକାର୍ଯ୍ୟ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ପ୍ରଦାନ କରାଯାଇଥାଏ । ଉକ୍ତ ତାଲିମରେ ପ୍ରତି ବୁଣାକାରଙ୍କୁ ମାସିକ ୬,୦୦୦/- ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯାଇଥାଏ । ୬ ମାସର ତାଲିମ ସାରିଲା ପରେ ପାଖାପାଖି କୌଣସି ଏକ ହସ୍ତତନ୍ତ ପୁଞ୍ଜିକୁ ଉକ୍ତ ତାଲିମପ୍ରାପ୍ତ ହିତାଧିକାରୀଙ୍କୁ ପରିଦର୍ଶନ ନିମନ୍ତେ ନିଆଯାଇଥାଏ ।
- **ବାନ୍ଧ ବନ୍ଧା ଓ ରଙ୍ଗ କରିବା ଏବଂ ବୁଣିବା :-** ନୂତନ ଯୁବପିଢୀ ତଥା ସ୍ୱଳ୍ପ କୁଶଳୀ ବୁଣାକାର ଯେଉଁମାନେ ବାନ୍ଧ ବାନ୍ଧିବା ଓ ରଙ୍ଗ କରିବା ଜାଣନ୍ତି ନାହିଁ ସେମାନଙ୍କୁ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୨୦ ଜଣ ବୁଣାକାରଙ୍କୁ ନେଇ ୪ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ଉକ୍ତ ତାଲିମରେ ପ୍ରତି ବୁଣାକାରଙ୍କୁ ମାସିକ ୬,୦୦୦/- ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯାଇଥାଏ । ୪ ମାସର ତାଲିମ ସାରିଲା ପରେ ତାଲିମପ୍ରାପ୍ତ ହିତାଧିକାରୀ ଉକ୍ତ କାର୍ଯ୍ୟକୁ ନିଜ ଘରେ କରିବା ନିମନ୍ତେ ପ୍ରତି ବୁଣାକାରଙ୍କୁ ୫,୦୦୦/- ଟଙ୍କାର ବାନ୍ଧ ବାନ୍ଧିବା ଓ ରଙ୍ଗ କରିବାର ସରଞ୍ଜାମ ପ୍ରଦାନ କରାଯାଇଥାଏ ।

- **ରଙ୍ଗ କରିବା ତାଲିମ ପ୍ରଦାନ:-** ନୂତନ ଯୁବପିଢୀ ତଥା ସ୍ୱଳ୍ପ କୁଶଳୀ ବୁଣାକାର ଯେଉଁମାନେ ରଙ୍ଗ କରିବା ଜାଣନ୍ତି ନାହିଁ ସେମାନଙ୍କୁ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୨୦ ଜଣ ବୁଣାକାରଙ୍କୁ ନେଇ ୨ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ଉକ୍ତ ତାଲିମରେ ପ୍ରତି ବୁଣାକାରଙ୍କୁ ମାସିକ ୬,୦୦୦/- ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯାଇଥାଏ । ୨ ମାସର ତାଲିମ ସାରିଲା ପରେ ତାଲିମପ୍ରାପ୍ତ ହିତାଧିକାରୀ ଉକ୍ତ କାର୍ଯ୍ୟକୁ ନିଜ ଘରେ କରିବା ନିମନ୍ତେ ପ୍ରତି ବୁଣାକାରଙ୍କୁ ୬,୦୦୦/- ଟଙ୍କାର ରଙ୍ଗ କରିବାର ସରଞ୍ଜାମ ପ୍ରଦାନ କରାଯାଇଥାଏ ।
- **ଜାକାର୍ଡ ସହ ଉନ୍ନତ ବୁଣାକାର୍ଯ୍ୟ :-** ଉନ୍ନତ ବୁଣା ତଥା ବୁଣାକାରଙ୍କ ଶ୍ରମ କମ କରିବା ନିମନ୍ତେ ମଧ୍ୟମ କୁଶଳୀ ବୁଣାକାରମାନେ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୧୦ ଜଣ ବୁଣାକାରଙ୍କୁ ନେଇ ୪ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ଉକ୍ତ ତାଲିମରେ ପ୍ରତି ବୁଣାକାରଙ୍କୁ ମାସିକ ୬,୦୦୦/- ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯାଇଥାଏ । ୪ ମାସର ତାଲିମ ସରିଲା ପରେ ତାଲିମପ୍ରାପ୍ତ ହିତାଧିକାରୀ ଉକ୍ତ କାର୍ଯ୍ୟକୁ ସଠିକ ଭାବେ କରି ଅଧିକ ରୋଜଗାର କରିବା ନିମନ୍ତେ ପ୍ରତି ବୁଣାକାରଙ୍କୁ ୨୫,୦୦୦/- ଟଙ୍କାର ଜାକାର୍ଡ ସହିତ ଏହାର ସରଞ୍ଜାମ ପ୍ରଦାନ କରାଯାଇଥାଏ ।
- **ଜାଲା ଓ ଡବି ସହିତ ଉନ୍ନତ ବୁଣାକାର୍ଯ୍ୟ :-** ଉନ୍ନତ ବୁଣା ନିମନ୍ତେ ତଥା ବୁଣାକାରଙ୍କ ଶ୍ରମ କମ କରିବା ନିମନ୍ତେ ମଧ୍ୟମ କୁଶଳୀ ବୁଣାକାରମାନେ ଉକ୍ତ ତାଲିମ ବୟନଶିଳ୍ପ କାର୍ଯ୍ୟାଳୟ ଦ୍ୱାରା ଅନୁମୋଦିତ ମାଷ୍ଟର ବୁଣାକାରଙ୍କ ମାର୍ଗଦର୍ଶନରେ ୨୦ ଜଣ ବୁଣାକାରଙ୍କୁ ନେଇ ୨ ମାସର ଏକ ତାଲିମ ପ୍ରଦାନ କରାଯାଇଥାଏ । ଉକ୍ତ ତାଲିମରେ ପ୍ରତି ବୁଣାକାରଙ୍କୁ ମାସିକ ୬,୦୦୦/- ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯାଇଥାଏ । ୨ ମାସର ତାଲିମ ସରିଲା ପରେ ତାଲିମପ୍ରାପ୍ତ ହିତାଧିକାରୀ ଉକ୍ତ କାର୍ଯ୍ୟକୁ ସଠିକ ଭାବେ କରି ଅଧିକ ରୋଜଗାର କରିବା ନିମନ୍ତେ ପ୍ରତି ବୁଣାକାରଙ୍କୁ ୧୦,୦୦୦/- ଟଙ୍କାର ଡବି ସହିତ ଏହାର ସରଞ୍ଜାମ ପ୍ରଦାନ କରାଯାଇଥାଏ ।
- **ଗୁରୁ ଶିଷ୍ୟ ପରମ୍ପରା :-** ଉକ୍ତ ପ୍ରଶିକ୍ଷଣରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା କୁଶଳୀ ବୁଣାକାର/ ବାନ୍ଧକର ମାନଙ୍କୁ ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଓ କବିର ପୁରସ୍କାରପ୍ରାପ୍ତ ସ୍ୱତନ୍ତ୍ର ବୁଣାକାରଙ୍କ ମାର୍ଗଦର୍ଶନରେ ୧୫ ଜଣ ସ୍ୱତନ୍ତ୍ର ବୁଣାକାରଙ୍କୁ ନେଇ ୬ ମାସର ତାଲିମ ପ୍ରଦାନ କରାଯାଇଥାଏ । ଉକ୍ତ ତାଲିମରେ ପ୍ରତି ବୁଣାକାରଙ୍କୁ ମାସିକ ୬,୦୦୦/- ଟଙ୍କା ଭତ୍ତା ଆକାରରେ ପ୍ରଦାନ କରାଯାଇଥାଏ । ଏହି ତାଲିମ ମାଧ୍ୟମରେ ପାରମ୍ପରିକ ହସ୍ତଶିଳ୍ପ ଐତିହକୁ ସଂରକ୍ଷଣ କରିବା ସହିତ ବଜାର ଭିତ୍ତିକ ଉତ୍ପାଦ ଉତ୍ପାଦନ ପାଇଁ ହସ୍ତତନ୍ତ କ୍ଷେତ୍ରରେ ଉନ୍ନତ ସ୍ତରର କୌଶଳ ପାଇଁ ଅଗ୍ରାଧିକାର ଦିଆଯାଇଥାଏ ।

**(ଘ) ହସ୍ତତନ୍ତ ଗର୍ତ୍ତର ଢଳେଇକରଣ :-** ବର୍ଷା ଦିନେ ସାଧାରଣତଃ ତନ୍ତ ଗର୍ତ୍ତ ଗୁଡ଼ିକ ଓଦା ହୋଇଯାଏ ଏବଂ ବୁଣାକାରମାନେ ତନ୍ତ ଚଳାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଯାହା ଫଳରେ ବୁଣାକାରଙ୍କ ଉତ୍ପାଦକତା ଏବଂ ଆୟ ହ୍ରାସ ପାଇଥାଏ । ଏଥିସହ ବର୍ଷା ଋତୁରେ ବୁଣାକାରଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି । ଏହି ସମସ୍ୟା ଦୂର କରିବା ପାଇଁ ଗର୍ତ୍ତତନ୍ତ ଲଗାଇଥିବା ବୁଣାକାରମାନଙ୍କୁ ସେମାନଙ୍କ ତନ୍ତ ଗର୍ତ୍ତର ଢଳେଇକରଣ ପାଇଁ ୭୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ।

**(ଙ) ରାଜ୍ୟ ଓ ରାଜ୍ୟ ବାହାରକୁ ପରିଭ୍ରମଣ :-**ଆଧୁନିକ ଜ୍ଞାନ କୌଶଳ ଆହରଣ ନିମନ୍ତେ ବୁଣାକାରମାନଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରଗତିଶୀଳ ହସ୍ତତନ୍ତ ପୁଞ୍ଜକୁ ପରିଭ୍ରମଣ ପାଇଁ ପ୍ରେରଣ କରାଯାଇଥାଏ । ଉକ୍ତ ପରିଭ୍ରମଣରେ ପ୍ରତି ଗ୍ରୁପରେ ୧୦ ରୁ ୨୦ ଜଣ ବୁଣାକାରଙ୍କ ସହିତ ୨ ଜଣ ବୈଷୟିକ ସରକାରୀ କର୍ମଚାରୀ ମାର୍ଗଦର୍ଶକ ଭାବରେ ଯାଇଥାନ୍ତି । ଉକ୍ତ ପରିଭ୍ରମଣ ନିମନ୍ତେ ପ୍ରତି ବୁଣାକାରଙ୍କ ରହିବା ଓ ପ୍ରଗତିଶୀଳ ହସ୍ତତନ୍ତ ପୁଞ୍ଜକୁ ପରିଭ୍ରମଣର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ ଦ୍ୱାରା ବହନ କରାଯାଇଥାଏ । ରାଜ୍ୟ ଭିତରେ ପରିଭ୍ରମଣ ନିମନ୍ତେ ୭ ଦିନ ଓ ରାଜ୍ୟବାହାର ପରିଭ୍ରମଣ ନିମନ୍ତେ ୧୦ ଦିନର ବ୍ୟବସ୍ଥା ହୋଇଥାଏ ।

**(ଚ) ବିକ୍ରୟ ଉନ୍ନୟନ ସହାୟତା :-** ହସ୍ତତନ୍ତ ବସ୍ତ୍ରର ବିକ୍ରୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ହସ୍ତତନ୍ତ ପ୍ରଦର୍ଶନୀ ଯଥା ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀ, ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ ଓ ଜିଲ୍ଲା ସ୍ତରୀୟ ହସ୍ତତନ୍ତ ମେଳାରେ ଅଂଶ ଗ୍ରହଣ କରୁଥିବା ପ୍ରାଥମିକ ସମବାୟ ସମିତି, ଶୀର୍ଷ ସମବାୟ ସମିତି, ହସ୍ତତନ୍ତ ସ୍ୱୟଂ ସହାୟକ ଗୋଷ୍ଠି, ମାଷ୍ଟର ବୁଣାକାର ଏବଂ ଜାତୀୟ ତଥା ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ବୁଣାକାର ମାନଙ୍କୁ ଦେୟମୁକ୍ତ ଷ୍ଟଲ ସହିତ ଗସ୍ତଖର୍ଚ୍ଚ, ଦୈନିକ ଭତ୍ତା ଓ ପରିବହନ ଖର୍ଚ୍ଚ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି ।

**(ଛ) ରାଜ୍ୟ ସ୍ତରୀୟ ପୁରସ୍କାର :-** ରାଜ୍ୟର କୃତୀ ଓ କୁଶଳୀ ବୁଣାକାର, ବାନ୍ଧ କାରିଗର ଓ ଡିଜାଇନର ମାନଙ୍କୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ତଥା ଉତ୍କୃଷ୍ଟ ମାନର ବାନ୍ଧ/ ହସ୍ତତନ୍ତ ବସ୍ତ୍ର ନିମନ୍ତେ ପ୍ରୋତ୍ସାହିତ କରିବାପାଇଁ ପ୍ରତିବର୍ଷ ୧୧ ଜଣ ମନୋନୀତ କରାଯାଇଥିବା ବୁଣାକାରଙ୍କୁ ୩ ପ୍ରକାରର ପୁରସ୍କାର ପ୍ରଦାନ କରାଯାଇଥାଏ ।

- **ଜୀବନବ୍ୟାପୀ ହସ୍ତତନ୍ତ କୃତୀ ପୁରସ୍କାର (Lifetime Achievement Award) :-** ଏହି ବର୍ଗରେ ଜଣେ ମନୋନୀତ ହୋଇଥିବା ବୁଣାକାରଙ୍କୁ ପାଞ୍ଚ ଲକ୍ଷ ଟଙ୍କା ପୁରସ୍କାର ରାଶି ସହିତ ମାନପତ୍ର ପ୍ରଦାନ ।
- **ରାଜ୍ୟ ହସ୍ତତନ୍ତ ପୁରସ୍କାର (State Handloom Award) :-** ଏହି ବର୍ଗରେ ୩ ଗୋଟି କ୍ଷେତ୍ରରେ ୦୬ ଜଣ ମନୋନୀତ ବୁଣାକାରଙ୍କୁ ପୁରସ୍କାର ରାଶି ପ୍ରତ୍ୟେକଙ୍କୁ ଏକ ଲକ୍ଷ ଟଙ୍କା ସହିତ ମାନପତ୍ର ପ୍ରଦାନ କରାଯାଏ (ବାନ୍ଧବନ୍ଧା ନିମନ୍ତେ-୩ ଜଣ ବୁଣାକାରଙ୍କୁ , ବୟନ କାର୍ଯ୍ୟ ପାଇଁ -୨ ଜଣ ବୁଣାକାରଙ୍କୁ ଓ ଡିଜାଇନ ପାଇଁ – ୧ ଜଣ ବୁଣାକାରଙ୍କୁ) ।
- **ତନ୍ତକୃତି ପୁରସ୍କାର (Tantakruti Award) :-** ଏହି ବର୍ଗରେ ୦୪ ଜଣ ମନୋନୀତ ବୁଣାକାରଙ୍କୁ ପୁରସ୍କାର ରାଶି ପ୍ରତ୍ୟେକଙ୍କୁ ପଚିଶି ହଜାର ଟଙ୍କା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ (ବାନ୍ଧବନ୍ଧା ଓ ରଙ୍ଗକରିବା /ବୟନ କାର୍ଯ୍ୟ /ଡିଜାଇନ) ।

**୩ . ବୁଣାକାର ଜୀବିକା ଓ ଆୟବୃଦ୍ଧି ସହାୟତା (ବଳିଆ )**

ବୁଣାକାରମାନଙ୍କୁ ଏକ ନମନୀୟ ଏବଂ ଶସ୍ତା ପ୍ରଭାବଶାଳୀ ଉପାୟରେ କାର୍ଯ୍ୟକାରୀ ପୁଞ୍ଜି ପାଇଁ ସେମାନଙ୍କ ଋଣ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାଙ୍କିଙ୍ଗ ଅନୁଷ୍ଠାନରୁ ପର୍ଯ୍ୟାପ୍ତ ଏବଂ ସମୟୋପଯୋଗୀ ସହାୟତା ପ୍ରଦାନ କରିବା ଏବଂ ହସ୍ତତନ୍ତ କ୍ଷେତ୍ରକୁ ଋଣ ପ୍ରବାହକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡିସିସିବି) ପକ୍ଷରୁ ବ୍ୟକ୍ତିଗତ ହସ୍ତତନ୍ତ ବୁଣାକାର ଓ ଆନୁସଙ୍ଗିକ ଶ୍ରମିକମାନଙ୍କୁ ୩ ବର୍ଷ ପାଇଁ ସୁଧମୁକ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରାଯାଉଛି । ଏହାଦ୍ୱାରା ବୁଣାକାର ଏବଂ ଆନୁସଙ୍ଗିକ କର୍ମୀ/ ସ୍ୱୟଂ ସହାୟକ ଗୋଷ୍ଠୀ/ ଯୁଗ୍ମ ଦାୟିତ୍ୱ ଗୋଷ୍ଠୀ (ଜେଏଲଜି) ଶୂନ ସୁଧ ହାରରେ ବ୍ୟାଙ୍କରୁ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ନଗଦ ଋଣ ପାଉଛନ୍ତି ଓ ମୋଟ ସୁଧ ବୋଝ ରାଜ୍ୟ ସରକାର ବହନ କରୁଛନ୍ତି ।

**୪ . ଜାତୀୟ ହସ୍ତତନ୍ତ ଉନ୍ନୟନ ଯୋଜନା**

**(କ) କ୍ଷୁଦ୍ର ପୁଞ୍ଜ ଉନ୍ନୟନ କାର୍ଯ୍ୟକ୍ରମ:-** ଏହି କାର୍ଯ୍ୟକ୍ରମରେ ୫୦୦ ପର୍ଯ୍ୟନ୍ତ ହସ୍ତତନ୍ତ ଥିବା ବୁଣାକାର ପୁଞ୍ଜକୁ ଆତ୍ମ ସଶକ୍ତିକରଣ କରାଇବାପାଇଁ ୨ କୋଟି ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ରାଶି ପ୍ରଦାନ କରାଯାଇଥାଏ ।

**(ଖ) ହସ୍ତତନ୍ତ ବିକ୍ରୟ ସହାୟତା**:- ରାଜ୍ୟ, ଆନ୍ତଃରାଜ୍ୟ ଓ ଆନ୍ତର୍ଜାତୀକ ସ୍ତରରେ ହସ୍ତତନ୍ତ ସାମଗ୍ରୀର ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ମେଳାର ଆୟୋଜନ ତଥା ମେଳାରେ ଅଂଶ ଗ୍ରହଣ କରିବା ଲାଗି ବୁଣାକାର ମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ ।

**(ଗ) ହସ୍ତତନ୍ତ ବୁଣାକାର ମଙ୍ଗଳ ଯୋଜନା** :- ଏହି ଯୋଜନାରେ ୬୦ ବର୍ଷରୁ ଉର୍ଦ୍ଧ ବାର୍ଷିକ ଆୟ ୧.୦୦ ଲକ୍ଷରୁ କମ ହୋଇଥିବା ପଦ୍ମ/ ସନ୍ଥ କବୀର/ ଜାତୀୟ/ ରାଜ୍ୟ ସ୍ତରୀୟ ପୁରସ୍କୃତ ବୁଣାକାରମାନଙ୍କୁ ମାସିକ ୮୦୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥାଏ ।

**(ଘ) ଆବଶ୍ୟକ ଆଧାରିତ ପ୍ରକଳ୍ପ:-** ଆଧୁନିକ ବଜାର ଚାହିଦାକୁ ପୂରଣ କରିବା ପାଇଁ କେନ୍ଦ୍ର ସରକାରଙ୍କର ଅଂଶରେ ୧୨.୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତାରେ ହସ୍ତତନ୍ତ ବସ୍ତ୍ର ପ୍ରକଳ୍ପର ବିକାଶ/ ବିବିଧକରଣ, ଉତ୍ପାଦନରେ ଉନ୍ନତି/ ସୌଖୀନ ଗୁଣବତା ସମ୍ପୂର୍ଣ ବସ୍ତ୍ର ଉତ୍ପାଦନ, ବିକ୍ରୟ ଇତ୍ୟାଦି ପାଇଁ ପ୍ରକଳ୍ପ ସ୍ଥାପନ କରାଯାଇଥାଏ ।

**୫. ସୂତା ଯୋଗାଣ ଯୋଜନା :-** ବୁଣାକାରମାନଙ୍କ ପାଇଁ ଉନ୍ନତ ମାନର ସୂତା ସୁଲଭ ମୂଲ୍ୟରେ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାରଙ୍କର ହସ୍ତତନ୍ତ ଉନ୍ନୟନ ଯୋଜନାରେ କଞ୍ଚାମାଲ ବ୍ୟାଙ୍କ ପ୍ରତିଷ୍ଠା ଓ ସୂତା ଯୋଗାଣ ଯୋଜନା ବ୍ୟବସ୍ଥା ।

(୬) ଭୁବନେଶ୍ୱରରେ ଥିବା ରାଜ୍ୟର ପ୍ରମୁଖ ବିକ୍ରୟ ଅନୁଷ୍ଠାନ ଯଥା ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ ଓ ଅମ୍ଳାନ ଏହି ରାଜ୍ୟର ଉତ୍ପାଦିତ ହସ୍ତତନ୍ତ ବସ୍ତ୍ରକୁ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ କ୍ରୟ କରି ବିକ୍ରୟ କରିଥାନ୍ତି ।

(୭) ବୁଣାକାର ତଥା ସମିତିମାନକୁ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରଦର୍ଶନୀ ଓ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ ।

(୮) ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା (IITF), ସୁରଜକୁଣ୍ଡ ଆନ୍ତର୍ଜାତୀୟ ଶିଳ୍ପ ମେଳା, ଉତ୍କର୍ଷ ଓଡ଼ିଶା ଓ ପ୍ରବାସୀ ଭାରତୀୟ ଦିବସ ଭଳି ଆନ୍ତର୍ଜାତୀୟ ମେଳାରେ ଅଂଶ ଗ୍ରହଣ କରି ବ୍ୟାପକ ପ୍ରଚାର ପ୍ରସାର କରିବା ସହିତ ବଜାର ଚାହିଦା ବୃଦ୍ଧି କରାଯାଇଥାଏ ।

(୯) ହସ୍ତତନ୍ତ ବସ୍ତ୍ରର ବିକ୍ରୟ ବୃଦ୍ଧି ନିମନ୍ତେ ଓ ହସ୍ତତନ୍ତ ବସ୍ତ୍ରକୁ ଗ୍ରାହକଙ୍କଠାରେ ଅଧିକ ମାତ୍ରାରେ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପର୍ବପର୍ବାଣୀମାନଙ୍କରେ ପ୍ରାଥମିକ ତନ୍ତୁବାୟ ସହଯୋଗ

ସମିତିମାନଙ୍କୁ ୧୦୦ ଦିନ ବିକ୍ରୟ ଉପରେ ଦିଆଯାଉଥିବା ୧୦% ସ୍ୱତନ୍ତ୍ର ରିହାତିର ପରିଶୋଧ ପ୍ରଦାନ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି ।

(୧୦) ଉନ୍ନତ ମାନର ହସ୍ତତନ୍ତ ବସ୍ତ୍ର ଅଧିକରୁ ଅଧିକ ତିଆରି ପାଇଁ ବୁଣାକାରମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯିବା ସହିତ ଆଧୁନିକ ହସ୍ତତନ୍ତ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦାନ କରାଯାଉଛି ।

(୧୧) ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ସମ୍ପନ୍ନ ନମୁନା ପ୍ରସ୍ତୁତକାରୀମାନଙ୍କୁ (Designer) ନିୟୋଜିତ କରି ବଜାରର ଚାହିଦା ମୁତାବକ ନୂଆ ନୂଆ ନମୁନାର ହସ୍ତତନ୍ତ ବସ୍ତ୍ର ପ୍ରସ୍ତୁତ କରାଯାଇଥାଏ ଯାହା ଗ୍ରାହକମାନଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରିଥାଏ ।

(୧୨) ବିଭିନ୍ନ ହସ୍ତତନ୍ତ ମେଳାରେ ଯଥା ତୋଷାଳି ଜାତୀୟ ହସ୍ତତନ୍ତ ମେଳା ଓ ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀ ( NH Expo) ରେ ବୟନିକା ଦ୍ୱାରା ପ୍ରତିଷ୍ଠିତ ମଡେଲମାନଙ୍କୁ ନେଇ ଫେଶନ ସୋର ଆୟୋଜନ କରାଯାଉଛି । ଏହାଦ୍ୱାରା ହସ୍ତତନ୍ତ ବସ୍ତ୍ରର ଚାହିଦା ବହୁମାତ୍ରାରେ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଇଛି ।

(୧୩) *Electronic Media, Print Media* ଏବଂ *Hoarding* ମାଧ୍ୟମରେ ହସ୍ତତନ୍ତ ବସ୍ତ୍ରର ପ୍ରଚାର ।

(୧୪) ପ୍ରାଥମିକ ସହଯୋଗ ସମିତି ମାଧ୍ୟମରେ ପ୍ରସ୍ତୁତ ହୋଇଥିବା ହସ୍ତତନ୍ତ ବସ୍ତ୍ରର ପ୍ରକୃତ ପରିଚୟ ପ୍ରଦାନ ନିମନ୍ତେ ରାଜ୍ୟରେ ୪୨୩ ଗୋଟି ସମିତିକୁ ଭାରତ ସରକାରଙ୍କର ବୟନ ସମିତି (Textile Committee) ଅନୁଷ୍ଠାନ ମାଧ୍ୟମରେ ହସ୍ତତନ୍ତ ମାର୍କରେ ପଞ୍ଜୀକରଣ କରାଯାଇଛି । ଏହାଦ୍ୱାରା ହସ୍ତତନ୍ତ ଦ୍ୱାରା ପ୍ରସ୍ତୁତ ବସ୍ତ୍ରରେ ହସ୍ତତନ୍ତ ମାର୍କର ପ୍ରତୀକ ଲଗାଯାଇଥାଏ ଯଦ୍ୱାରା ଏହି ବସ୍ତ୍ର ଗୁଡିକ ଅଧିକ ମାତ୍ରାରେ ଗ୍ରାହକ ମାନଙ୍କର ବିଶ୍ୱାସ ଭାଜନ ହୋଇଥାଏ ଏବଂ ଏହାର ଏକ ସ୍ୱତନ୍ତ୍ର ବ୍ରାଣ୍ଡ ପ୍ରତିଷ୍ଠା କରିଥାଏ ।

(୧୫) ହସ୍ତତନ୍ତ ବସ୍ତ୍ରକୁ India Handloom Brand ରେ ପଞ୍ଜୀକରଣ କରି ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଯାଇଛି ।

(୧୬) ବିକ୍ରୟ ବୃଦ୍ଧି ନିମନ୍ତେ ଶୀର୍ଷ ସମବାୟ ସମିତି ଓ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ପାଇଁ ଅଧିକରୁ ଅଧିକ ବିକ୍ରୟ କେନ୍ଦ୍ରର ପ୍ରତିଷ୍ଠା କରାଯାଇଛି ।

(୧୭) ଦେଶ ବିଦେଶରେ ଚାହିଦା ବୃଦ୍ଧି, ବିକ୍ରୟ ଓ ରପ୍ତାନିକୁ ଦୃଷ୍ଟିରେ ରଖି ପ୍ରମୁଖ ହସ୍ତତନ୍ତ ସମବାୟ ସଂସ୍ଥା ମାନଙ୍କର ନିଜସ୍ୱ ୱେବସାଇଟ ଓ ଇ-ବାଣିଜ୍ୟ ମାଧ୍ୟମରେ ବିକ୍ରୟ ବ୍ୟବସ୍ଥା ।

(୧୮) ତୋଷାଳି ଜାତୀୟ ହସ୍ତତନ୍ତ ମେଳାରେ ଏକ " ପ୍ରସଙ୍ଗ ଶିବିର" କରାଯାଇ ବିଭିନ୍ନ ଉତ୍ସବ ଓ ପର୍ବପର୍ବାଣୀ ଉପଯୋଗୀ ହସ୍ତତନ୍ତ ବସ୍ତ୍ର ତଥା ଗୃହ ସାଜସଜା ଯୋଗ୍ୟ ବିଭିନ୍ନ ଉପକରଣର ପ୍ରଦର୍ଶନୀ କରାଯାଇଥିଲା । ଏହାଦ୍ୱାରା ଗ୍ରାହକ ମାନେ ବିଭିନ୍ନ ପ୍ରକାର ହସ୍ତତନ୍ତ ପ୍ରତି ଆକୃଷ୍ଟ ହୋଇଛନ୍ତି ।

(୧୯) ରାଜ୍ୟ ସରକାରଙ୍କର ହସ୍ତତନ୍ତ ଉନ୍ନୟନ ଯୋଜନାରେ ବିଭିନ୍ନ ଜିଲ୍ଲାରେ ୬୫ ଗୋଟି କଞ୍ଚାମାଲ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଅଛି ।

***